# ମୋର ବାଲ୍ୟ ସ୍ମୃତିରୁ

**ମୋହନ ନାଗ**

ମୋର ମନେ ପଡେ ଆଜି । ସେଇ ଦିନର ଅଲିଭା ସ୍ମୃତିରୁ ଏକ ଖିଅ । ଏବେ ବି ମନରରେ ଉଙ୍କି ମାରୁଛି କେବଳ ସେତିକି ନୁହେଁ ମନ ହୁଏ ଫେରିଯିବାକୁ । ସେହି ସରଳ, ତରଳ, ନିରାଡମ୍ବର ଅନାବିଳ ପରିବେଶ ମଧକୁ ।

ସେତେବେଳେ ମଧ ଜଳୁଥିଲା ସ୍ୱାଧୀନତା ସଂଗ୍ରାମର ଯଜ୍ଞକୁଣ୍ଡ । ବ୍ରିଟିଶ ସରକାରଙ୍କର ଚାବୁକ ପ୍ରହାର ଦାଗ ଲିଭିନଥାଏ । ଯଜ୍ଞ ବେଦୀର ପୁରୋଧା ଜାତିପିତା ମହାତ୍ମା ଗାନ୍ଧୀଙ୍କର ବଜ୍ର କଠୋର ବାଣୀରେ, ସ୍ୱାର୍ଥମେଧ ଯଜ୍ଞ ବେଦୀରେ ଲୋକେ ସ୍ୱାର୍ଥକୁ ଆହୁତି ଦେବାରେ ଲାଗିଥାନ୍ତି । ଚେତନା ଜାଗ୍ରତ ଥାଏ । ଗାନ୍ଧୀଙ୍କର ସେହି ଆହ୍ୱାନରେ ଦେଶପ୍ରେମୀଗଣ ଗ୍ରାମେ ଗ୍ରାମେ, ନଗ୍ରେନଗ୍ରେ, ପୁରପଲ୍ଲୀରେ ଚେତାଇ ଦେଉଥାନ୍ତି-କୁଟିଖିଆ, କାଟିପିନ୍ଧ । ଜାଳିଦେଉଥାନ୍ତି ଭାତୃଭାବର ଅଲିଭା ଦିପାଳୀ । ପ୍ରତ୍ୟେକଙ୍କ ଅନ୍ତରରେ ନବ ଉଦ୍ଦୀପନା, ନବ ଜାଗରଣ ଖେଳି ଉଠୁଥାଏ ।

ଠିକ୍ ସେତିକିବେଳେ ମୁଁ ଥାଏ ବରଗଡ ଜର୍ଜ ହାଇସ୍କୁଲର ଏକ ଛାତ୍ର । ସେତେବେଳେ ହରିଜନ ଅଛୁଆଁ ଭାବ,ସଭିଙ୍କ ମନରେ ଏକ ଅସ୍ପୃହଣୀୟ ଭାବ ଲାଗି ରହିଥାଏ । ଯଦିଓ ବା ମହାତ୍ମା ଗାନ୍ଧୀ ଭାରତୀୟ ଏକ ଜାତି ବାଲି ଆହ୍ୱାନ ଦେଇଥାନ୍ତି । ତଥାପି ଏକ ପ୍ରକାର ଭିନ୍ନ ଦୃଷ୍ଟିରେ ଆମ୍ଭେମାନେ ରହିଥାଉ । ପ୍ରତେକ ଦୃଷ୍ଟି କୋଣରୁ ଆମେ ବଞ୍ଚିତ, ଲାଞ୍ଛିତ ରହିଥାଉ । ଆମ ପାଇଁ ଯେଉଁ କେତେଜଣ ଲଢୁଥିଲେ ସେଥିରେ ଥିଲେ ଲୋକମାନ୍ୟ ଶ୍ରୀଯୁକ୍ତ ନୃସିଂହ ଗୁରୁ ଓ ଶ୍ରୀ ଦୟାନନ୍ଦ ଶତପଥୀ । ମାତ୍ର ନୃସିଂହ ଗୁରୁଙ୍କର ମାନବୀୟତା ମୋତେ ବିଶେଷ ଭାବେ ପ୍ରଭାବିତ କରିପାରିଥିଲା । ତାଙ୍କର ଉତ୍ସାହ, ପ୍ରେରଣା ତଥା ଆର୍ଥିକ ସହାୟତା ଭୁଲି ହେବ ନାହିଁ । ସେହି ବରେଣ୍ୟ, ଜନପ୍ରିୟ, ହିତାକାଂକ୍ଷୀ, ସମଚିତ୍ତାଧିକାରୀ ଶ୍ରୀଯୁକ୍ତ ଗୁରୁଙ୍କ ମାନବୀୟତା ଆମକୁ ବିଶେଷ ଗୁଣର ଗୁଣାତ୍ମକ ମାନ ପ୍ରଦାନ କରିପାରିଥିଲେ । ସରକାର ଶିକ୍ଷା ପାଇଁ ସୁଯୋଗ ଦେଉଥିଲେହେଁ ଆମ ପାଇଁ ଶିକ୍ଷା ଥିଲା ଦିବାସ୍ୱପ୍ନ ଭଳି । ଲୋକେ ମଧ ସେତେ ଜାଗ୍ରତ ନ ଥିଲେ । ଶ୍ରୀଯୁକ୍ତ ଗୁରୁଙ୍କ ନିର୍ଦ୍ଦେଶ, ଚେଷ୍ଟା ଆଉ ନିଷ୍ଠା ବଳରେ ଆମ ପାଇଁ ହରିଜନ ହୋଷ୍ଟେଲଟାଏ ମଧ ତିଆରି ହେଲା ।

ଆଜି..... ହଁ......ହଁ ଉଙ୍କିମାରେ ସେହି ଦେବ ପ୍ରତିମ ସୌମ୍ୟ ମୂର୍ତ୍ତିଟି ! ବାଙ୍ଗରା, କର୍ମଠ, ହୃଷ୍ଟପୃଷ୍ଟ ତନୁ, କପୋଳ ଦେଶରେ ଚନ୍ଦନରେଖା, ମୁକ୍ତବପୁ - ପରିଧାନ ଖଦଡ - ସ୍କନ୍ଧଦେଶେ ଖଦଡ ଗାମୁଛା- ଉନ୍ମୁକ୍ତ ପ୍ରଶାନ୍ତ ବକ୍ଷ, ଆଣ୍ଠୁ ଲୁଚୁନଥିବା ପରିଧାନ ସହ ମୁକ୍ତ ପଦଯୁଗ୍ମ, ଯୋତା, ପାଣ୍ଡୋଇ ବିନା ସେ ଚାଲିଥାନ୍ତି ସମ୍ବାଦ ସଂଗ୍ରହରେ । ଦୁଃଖ ଦୈନ୍ୟତା ଦେଖି ପ୍ରତିବାଦ କରନ୍ତି । ଦୃଢୋକ୍ତି, ସ୍ପଷ୍ଟବାଦୀତାର ଅଗ୍ରଦୂତ ସେ । ଗାମ୍ଭୀର୍ଯ୍ୟଭରା ସୁଶୋଭିତ ମୁଖମଣ୍ଡଳ ଏବେ ମଧ ମୋର ମନେ ପଡେ । ସେ ମୋର ଜୀବନର ଏକ ଅଲିଭା ସ୍ମୃତି । ସେହି ମୁଖ,ଚାଲି,ଭାବଭଙ୍ଗୀ ଏବେ ମଧ ଏକ ଜ୍ୱଳନ୍ତ ମଶାଲସମ ଉଦ୍ଭାସିତ ହେଉଛି ଅନ୍ତରରେ ।

ଯେତେବେଳେ ସେହି ଛାତ୍ରାବସ୍ଥା ଥାଏ, ସେତେବେଳେ ସହପାଠୀଙ୍କ ସହ ମୋର ସଦ୍ଭାବ, ଘନିଷ୍ଠତା ଥାଏ । ଏ ସବୁ ଲକ୍ଷ୍ୟ ରଖି ଅବା ଅନ୍ୟ କୌଣସି ସଦ୍‌ଗୁଣ ଅନୁଭବ କରି ମୋତେ ହୋଷ୍ଟେଲର ମନିଟର ରୂପେ ଦାୟିତ୍ୱ ଦେଲେ । ଶ୍ରୀଯୁକ୍ତ ଗୁରୁ ବହୁବାର ଆମ ହୋଷ୍ଟେଲକୁ ଆସି ଆମର ଅଭାବ ଅସୁବିଧା ଇତ୍ୟାଦି ଯାବତୀୟ ବିଷୟ ବୁଝି ସମାଧାନ କରି ଫେରୁଥିଲେ । ଆମ ପାଇଁ ଡାଲି, ଚାଉଳ ଇତ୍ୟାଦି ମଧ ଯୋଗାଡ କରିବାକୁ ପଡୁଥିଲା ତାଙ୍କୁ । ସେ ଅନେକଙ୍କ ଦ୍ୱାରସ୍ଥ ହୋଇ ଆମ ପାଇଁ ହାତ ପାତୁଥିଲେ । ମୁଁ ତାର ହିସାବ ରଖୁଥାଏଁ । ହୋଷ୍ଟେଲର ଯାବତୀୟ ଖବର ଦିଏ । ସେ ଆମ ଗହଣରେ ରହି ବହୁ ବିଷୟ ଆଲୋଚନା କରନ୍ତି । ଏପରିକି ପାଠ୍ୟ ପୁସ୍ତକ, କାଳିକଲମ, ଖାତାପତ୍ର ମଧ ଆଣି ଦେଇଥାନ୍ତି । ଆମେ ଏକ ରକମର ଏକ ପରିବାର ଭଳି ଚଳି ସେବା, ଶ୍ରମ କଣ ତାଙ୍କଠାରୁ ଶିଖିଲୁ ।

ସେହି ଦିବ୍ୟ ପୁରୁଷଙ୍କ ସହାୟତାରେ ଆମେ ଯେ କେତେ ଉପକୃତ, ଭାବି ହେଉନାହିଁ । ଖରା, ବର୍ଷା, ଶୀତ ଯାହା ହେଉନା କାହିଁକି ସେ ପ୍ରାୟ ହୋଷ୍ଟେଲରୁ ଆମ କଥା ବୁଝି ନ ଗଲେ ନ ଚଳେ । ମୁଁ ଲକ୍ଷ୍ୟ ରଖିଛି, ଯାହା ଜାଣିଛି ଶ୍ରୀଯୁକ୍ତ ଗୁରୁ ଏପରି ଏକ ବ୍ୟକ୍ତି, ଦଳିତ ହରିଜନଙ୍କ ପ୍ରତି ତାଙ୍କ ଅନ୍ତରରେ ଏକ ବିଶେଷ ସ୍ଥାନ ରହିଥିଲା । ସେ ଆମକୁ ଶିକ୍ଷା ଲୋକକୁ ଅନ୍ଧକାର ଗହ୍ୱରରୁ ଆଣି ପହଞ୍ଚାଇଥିଲେ । ତାଙ୍କର ନିଷ୍କପଟ ଭାବ, ସସ୍ନେହ ଆଦର ଉଚ୍ଚଶିକ୍ଷା ପାଇଁ ଅଦ୍ଭୁତ ଶକ୍ତି ପ୍ରଦାନ କରିଥିଲା । ତାଙ୍କର ପ୍ରେରଣା, ଉତ୍ସାହ ପ୍ରଦାନ ବଳରେ ଯେଉଁ ଧରଣର ଭକ୍ତି, ପ୍ରୀତି ଜାତ ହେଉଥିଲା ତାହା ବ୍ୟକ୍ତ କରି ହେବ ନାହିଁ । ସେବା, ତ୍ୟାଗ, ଆତ୍ମବିଶ୍ୱାସ ତାଙ୍କର ଥିଲା ଖୁବ ଉଚ୍ଚ । ସେ ଆଜି ନାହାଁନ୍ତି ଭାବିଲେ ମନେ ହୁଏ ମୋର ଅଭିଭାବକ ନାହାଁନ୍ତି । ମୋ ଜୀବନରେ ମୁଁ ଅନୁଭବ କରିଛି ତାଙ୍କ ଦାନ ଅପୂରଣୀୟ, ଅବର୍ଣ୍ଣନୀୟ ତଥା ଅକଳ୍ପନୀୟ ମଧ । ମୁଁ ତାଙ୍କ ସହଜାତ ପ୍ରବୃତ୍ତିକୁ ଯେତିକି ଭକ୍ତି କରେ ସେତିକୁ ଭୟ ମଧ ଥାଏ ମୋର । ବୁଝି ପାରେନା କେଉଁ ଶକ୍ତିଧାରୀ ରୂପେ ସେ ମୋ ପାଖରେ ଛିଡା ହୁଅନ୍ତି । ତାଙ୍କ ଯୋଗୁଁ ଆମ ଛାତ୍ର ଜୀବନ ଶୃଙ୍ଖଳିତ, ସୁନିୟନ୍ତ୍ରିତ ହୋଇ ପାରିଥିଲା । ସେହି ପିତୃପ୍ରତିମ ପ୍ରଶାନ୍ତ ଅନ୍ତରକୁ ଯେ ଉପଲବ୍ଧି କରିଛି -

ସେ ଏକା ବୁଝିବ ତାଙ୍କ ମନ ଅଭ୍ୟନ୍ତରର ପ୍ରକୃତ ଭାବ ଓ ଭାଷା । ସେ ହିଁ ଏକା ବୁଝିବ ପ୍ରେମ ଓ ମଧୁରତାର ସ୍ୱାଦ ।

ସେହି ମହାପୁରୁଷଙ୍କ ମହାନତା ଆଜି ମୁଁ ମର୍ମେ ମର୍ମେ ଅନୁଭବ କରିଛି । ସେହି କାଳଜୟୀ ଅଭୂତ କର୍ମୀଙ୍କୁ ଏ ଦେଶ, ଏ ଜାତି ଚିହ୍ନି ପାରିଲା ନାହିଁ । ସେ ଯେ ଆଜି ଆମ ସାଥୀରେ ନାହାଁନ୍ତି ଭାବିଲେ ଚକ୍ଷୁରେ ସ୍ୱତଃ ଅଶ୍ରୁ ଗଡିଆସେ ଅବାରିତ ଧାରାରେ । ସେ ଯେ ନମସ୍ୟ ଗରୁଙ୍କର ଗୁରୁ ନରସିଂହ, ଚେତନାବାଦୀ, ଧର୍ମପ୍ରାଣ । ତାଙ୍କ ଚିନ୍ତା, ଚେତନା, ପ୍ରେରଣା, ଆଦର୍ଶ, ମହନୀୟତା ବହୁ ଉଚ୍ଚରେ । ମୁଁ ଭାବି ପାରୁନାହିଁ ସେ ନାହାନ୍ତି -ତାଙ୍କ ଦେହାନ୍ତ ହୋଇଛି ସତ ମାତ୍ର ସେଇ ସୌମ୍ୟ, କମଲୋଚନ-ହାସ୍ୟଧର ମୁଖ ଓ ମାନସରେ ଫୁଟି ଉଠୁଛି । ସେ ଅମର ଆତ୍ମା କହୁଛି-ରେ ଦଳିତ ପତିତ ଜାତି ଉଠ, ଜାଗ୍ରତ ହୁଅ-ତୁ ଅସ୍ପୃଶ୍ୟ ନୁହଁ, ମଣିଷ । ମା ଧରିତ୍ରୀ କ୍ରୋଡର ସନ୍ତାନ । ଅନ୍ୟ ଜାତି ପରି ତୁମେ ମାନେ ମଧ ଜଣେ । ତୁମର ମଧ ଇଶ୍ୱରଙ୍କ ସୃଷ୍ଟିରେ ଅଧିକାର ଅଛି - ଉଠ ସାବ୍ୟସ୍ତ କର । କେହି ତୁମକୁ ସେଥରୁ ବଞ୍ଚିତ କରି ପାରିବେ ନାହିଁ । ଯେଉଁ ପ୍ରଖ୍ୟାତ ଯା'ଙ୍କ ଏଇ ବାଣୀ ଏବେ ମଧ ଗୁଞ୍ଜରୀ ଉଠୁଛି-ଗଗନେ ପବନେ ପ୍ରତିଧ୍ୱନି ସୃଷ୍ଟି, ସେଇ କର୍ମଯୋଗୀଙ୍କର କଣ ମୃତ୍ୟୁ ଥାଇପାରେ ? ସେ ମରି ପାରେନା, ମୃତ୍ୟୁ ତା'ର ନାହିଁ ସେ ଶୋଇଛି ଚିର ନିଦ୍ରାରେ କ୍ଲାନ୍ତ ହୋଇ ମାତ୍ର ।

ବାସ୍ତବ, ଅବାସ୍ତବ ମଧରେ ମୁଁ ସେହି ସମୟକୁ ସ୍ୱାଗତ କରେ । ମୋ ଜୀବନ ସରଣୀରେ ତାଙ୍କ ଆଦର୍ଶ, ତ୍ୟାଗ ଯାହା ସବୁକିଛି ତାଙ୍କର ଚିନ୍ତାଧାରାରେ ଗତି କରି ଚାଲିଛି ।

ଆଜି ମୁଁ ସେହି ବିରାଟ ପୁରୁଷଙ୍କୁ ସ୍ମରଣ କରିବାର ସୁଯୋଗ ପାଇଛି । ସେହି ଉଦ୍ଦେଶ୍ୟେ ନତଶିର କରି ଏଇ ମାତ୍ର ଭିକ୍ଷା ମାଗେ -ହେ ବରେଣ୍ୟ ମହାମାନ୍ୟ, ନମସ୍ୟ, କର୍ମଯୋଗୀ, ଉତ୍କଳଦୀପକ, ଜ୍ୱଳନ୍ତ ପ୍ରତିଭା ତୁମ ଆଦର୍ଶ ଚିର ଜାଜ୍ୱଲ୍ୟ ହୋଇ ମୋର ଚଳନ୍ତି ପଥ ଦେଖାଉ । ମୁଁ ସେହି ଆଲୋକରେ ସେଇ ପଥରେ ଶ୍ରମହୀନ ଗତିରେ ଚାଲିଥାଏ ବିଜୟ ବୈଜୟନ୍ତି ମାଳା ତୁମ ଗଳାରେ ପିନ୍ଧାଇ । ମୋତେ ଶକ୍ତି, ସାମର୍ଥ୍ୟ ଦିଅ ।

ପୂର୍ବତନ ମନ୍ତ୍ରୀ
ଯୋଗାଣ ବିଭାଗ
ଓଡିଶା